# ନୀତି ସଂକ୍ଷିପ୍ତ ସାର

## ନୀତି ସଂକ୍ଷିପ୍ତ ସାର କ'ଣ ?

ଷ୍ଟ୍ରୀମ୍‌ର ନୀତି ସଂକ୍ଷିପ୍ତ ସାର ହେଉଛି ଗବେଷଣା ବା ସ୍ଥାନୀୟ ଚାଲିଚଳନରୁ ପ୍ରାପ୍ତ ଶିକ୍ଷାଗୁଡ଼ିକୁ ଆଦାନ ପ୍ରଦାନ କରିବାର ଏକ ପ୍ରଚେଷ୍ଟା। ଏହା ସଂକ୍ଷିପ୍ତ ଓ ନୀତି ବିଷୟରେ ସମୃଦ୍ଧ।

ଏଗୁଡ଼ିକ ଏପରି ଭାବରେ ତିଆରୀ କରାଯାଇଛି ଯାହା ଶୀଘ୍ର ପଢ଼ାଯାଇ ପାରିବ, ଦରକାରୀ ବିଷୟ ଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି, ଏବଂ ବିଷୟ ସମ୍ବନ୍ଧୀୟ ପରବର୍ତ୍ତୀ ତଥ୍ୟର ସୂତ୍ର ଦିଗରେ ପରିଚାଳିତ। ଏହା ଲୋକମାନଙ୍କୁ, ସଂସ୍ଥା ଏବଂ ନୀତି ନିର୍ଦ୍ଧାରକମାନଙ୍କୁ, ଗରୀବ ଲୋକଙ୍କୁ ଜୀବିକାର ଉପଯୋଗୀ ଜଳୀୟ ସମ୍ପଦ ପରିଚାଳନାରେ ନୂତନ ସାଧନ ଏବଂ ପଦ୍ଧତିର ବ୍ୟବହାରରେ ସକ୍ଷମ କରେ।

## ଏହା କେଉଁମାନଙ୍କ ପାଇଁ ?

ନୀତି ସଂକ୍ଷିପ୍ତ ସାର ତିଆରୀ ହୋଇଛି ନିମ୍ନଲିଖିତ ଲୋକମାନଙ୍କର ବ୍ୟବହାର ପାଇଁ :
ନୀତି ନିର୍ଦ୍ଧାରକ
ନୀତି ତିଆରୀ କରିବା ବ୍ୟକ୍ତି
ଗୋଷ୍ଠୀ ସଂଗଠନ
ବେସରକାରୀ ସଂସ୍ଥା
ସରକାରୀ ସଂସ୍ଥା
ଦାନ ଦେବା ବ୍ୟକ୍ତି
ଏହା ବ୍ୟତୀତ ଯେଉଁମାନେ ଏହାକୁ ଉପଯୋଗୀ ବୋଲି ମନେ କରନ୍ତି।

## କେଉଁମାନେ ଏହାକୁ ତିଆରୀ କରନ୍ତି ?

ନୀତି ସଂକ୍ଷିପ୍ତ ସାର ସେହି ସବୁ ଲୋକମାନେ ତିଆରୀ କରି ପାରନ୍ତି ଯେଉଁ ମାନଙ୍କ ପାଖରେ ଆଦାନ ପ୍ରଦାନ କରିବା ପାଇଁ ଉପଯୋଗୀ ଅଭିଜ୍ଞତା ରହିଛି (କୃଷକ, ମତ୍ସ୍ୟ କୃଷକ) ଯେଉଁମାନେ ସେମାନଙ୍କ ସହିତ କାର୍ଯ୍ୟ କରନ୍ତି ଓ ବିଶେଷଜ୍ଞ। ଷ୍ଟ୍ରୀମ୍ ଇନିସିଏଟିଭ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି: ଅନ୍ୟମାନଙ୍କ ସହିତ କାର୍ଯ୍ୟକରି, ପରିକଳ୍ପନା ତିଆରୀ କରି ବିଭିନ୍ନ ଭାଷାରେ ଅନୁବାଦ କରି ଏବଂ ସମସ୍ତଙ୍କ ସହିତ ତାହା ଆଦାନ ପ୍ରଦାନ କରି।

ନୀତି ସଂକ୍ଷିପ୍ତ ସାର ପର୍ଯ୍ୟାୟର ସଂଖ୍ୟାଗୁଡ଼ିକ, ନେଟ୍‌ୱାର୍କ ଅଫ ଏକୁଆକାଲଚାର ସେଣ୍ଟର ଇନ୍ ଏସିଆ ପ୍ୟାସିଫିକ୍‌ର (ନାକା) ସାପୋର୍ଟ ଟୁ ରିଜିଓନାଲ ଏକୁଆଟିକ୍ ରିସୋର୍ସେସ୍ ମ୍ୟାନେଜ୍‌ମେଣ୍ଟ (ଷ୍ଟ୍ରୀମ୍) ଇନିସିଏଟିଭ୍ ଦ୍ୱାରା ତିଆରୀ କରାଯାଇଛି।

## ଏଗୁଡ଼ିକ କେଉଁଠାରୁ ପ୍ରାପ୍ତ ହୋଇ ପାରିବ ?

ନୀତି ସଂକ୍ଷିପ୍ତ ସାର ଗୁଡ଼ିକ ଏସିଆ ପ୍ୟାସିଫିକ୍‌ର ଷ୍ଟ୍ରୀମ୍‌ର ଯୋଗାଯୋଗ କେନ୍ଦ୍ରଗୁଡ଼ିକରୁ ସ୍ଥାନୀୟ ଭାଷାରେ ମିଳିପାରିବ, ଏହାଛଡ଼ା ଆଞ୍ଚଳିକ ଦପ୍ତର ବ୍ୟାଙ୍ଗକକ୍ ଥାଇଲାଣ୍ଡରରୁ ଓ ଇନ୍‌ଟାରନେଟ୍ ମାଧ୍ୟମରେ ମିଳିପାରିବ
<http://www.streaminitiative.org/Library/Policybrief/index.html>

## କ'ଣ କ'ଣ ନୀତି ସଂକ୍ଷିପ୍ତ ସାର ମିଳୁଛି ?

ନୀତି ସଂକ୍ଷିପ୍ତ ସାର ସଂଖ୍ୟା ୧ରେ ଏକମତ ଗଠନ ବିଷୟରେ ବର୍ଣ୍ଣନା କରା ହୋଇଛି କୃଷକ, ମତ୍ସ୍ୟ କୃଷକ, ସ୍ଥାନୀୟ, ଜିଲ୍ଲା, ରାଜ୍ୟ, କେନ୍ଦ୍ରୀୟ ସରକାର ଏବଂ ବେସରକାରୀ ଅଂଶୀଦାର ମାନଙ୍କର ଅଭିଜ୍ଞତା ଯାହା ଇଉ.କେ. ଗଭର୍ଣ୍ଣମେଣ୍ଟ ଡ଼ି.ଏଫ.ଆଇ.ଡ଼ି ନ୍ୟାଚୁରାଲ ରିସୋର୍ସେସ୍ ସିଷ୍ଟମ ପ୍ରୋଗ୍ରାମ ପ୍ରୋଜେକ୍ଟ ଆର ୮୧୦୦ "ଜଳୀୟ କୃଷି ଦ୍ୱାରା ଗରୀବ ଲୋକମାନଙ୍କର ସେବାର ସୁଯୋଗ ପାଇଁ ଉନ୍ନତ ନୀତିର ସଂଧାନ" (ସମୟ ସୀମା ଥିଲା ମାର୍ଚ୍ଚ ୨୦୦୨ ଠାରୁ ଏପ୍ରେଲ ୨୦୦୩)ରୁ ପ୍ରାପ୍ତ, ଯାହାର ଉଦ୍ଦେଶ୍ୟ ଥିଲା ଗ୍ରାମୀଣ ଜୀବିକାର ଉନ୍ନତିର ଲକ୍ଷରେ ଉନ୍ନତ ଗ୍ରାମୀଣ ସେବା ପ୍ରଦାନର ଉଦ୍ଦେଶ୍ୟରେ ପଦ୍ଧତିକୁ ଚିହ୍ନିତ କରିବା, ପରୀକ୍ଷା ମୂଳକ ବ୍ୟବହାର ଏବଂ ବ୍ୟବହାରର ଉତ୍ସାହ ପ୍ରଦାନ, ଯେଉଁଠାରେ ଜଳୀୟ କୃଷିର ସାହାଯ୍ୟକାରୀ ସେବା ଉପରେ ବେଶୀ ଗୁରୁତ୍ୱ ଦିଆ ହୋଇଥିଲା।

ନୀତି ସଂକ୍ଷିପ୍ତ ସାର ସଂଖ୍ୟା ୨ ଜଳୀୟ କୃଷି ଏବଂ ମାଛ ଚାଷ ଦ୍ୱାରା ଜୀବିକା ନିର୍ବାହ କରିବା ବିଷୟରେ ବର୍ଣ୍ଣନା କରା ହୋଇଛି ଏ.ଏଫ.ଓ. ଟେକ୍‌ନିକାଲ କୋଅପରେସନ୍ ପ୍ରଜେକ୍ଟ "ଏସିଆ ପ୍ୟାସିଫିକ୍‌ରେ ଉନ୍ନତ ଜଳୀୟ ସମ୍ପଦର ପରିଚାଳନା ଦ୍ୱାରା ଦରୀଦ୍ରତାର ଦୂରୀକରଣରେ ସାହାଯ୍ୟ ପ୍ରଦାନ" ପ୍ରକଳ୍ପରୁ ଜୀବିକା ନିର୍ବାହର ବିଶ୍ଳେଷଣ ଏବଂ ଜୀବିକା ନିର୍ବାହ ବିଷୟରେ ବୁଝାମଣା ଓ ଆଦାନ ପ୍ରଦାନର ଅଭିଜ୍ଞତା ପ୍ରାପ୍ତ।